# NATIONAL NEWS BULLETIN (ODIA)
## 20 June - 2024
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ୧୪ଟି ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କଲେ କେନ୍ଦ୍ର ସରକାର ।

- ଅନିୟମିତତା ସୂଚନା ମିଳିବା ପରେ ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ. ଦ୍ୱାରା ଆୟୋଜିତ ୟୁ.ଜି.ସି. ନେଟ୍ ପରୀକ୍ଷା ବାତିଲ ।

– ସିବିଆଇ ତଦନ୍ତ ପାଇଁ ସୁପାରିଶ୍ ।

- ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଆଜି କଲମ୍ବୋ ଗସ୍ତ କରିବେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍‌ର ସୁପର ଏଇଟ୍ ପର୍ଯ୍ୟାୟରେ ମୁହାଁମୁହିଁ ହେବେ ଭାରତ ଓ ଆଫ୍‌ଗାନିସ୍ତାନ ।

## କ୍ୟାବିନେଟ୍ ଡିସିସନ୍

କେନ୍ଦ୍ର ସରକାର ୧୪ଟି ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ମହାରାଷ୍ଟ୍ରର ବଦ୍ୟାବନ ବନ୍ଦର ବିକାଶ ଏବଂ ଗୁଜରାଟ ଓ ତାମିଲନାଡୁ ଉପକୂଳରେ ବାୟୁ ଟର୍ମିନାଲ୍ ବିକାଶ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହାଛଡ଼ା ବାରାଣାସୀ ବିମାନ ବନ୍ଦର ବିକାଶ ନିମନ୍ତେ ଯୋଜନାକୁ ମଞ୍ଜୁରୀ ପ୍ରଦାନ କରାଯାଇଛି ।

ଗତକାଲି ନୂଆଦିଲ୍ଲୀରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ବୈଠକ ପରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେ କହିଛନ୍ତି, କେନ୍ଦ୍ର ସରକାର କ୍ୟାବିନେଟ୍ ବୈଠକରେ ୫ଟି ବଡ଼ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ୨୦୨୪-୨୫ ବର୍ଷ ପାଇଁ ୧୪ଟି ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ସମ୍ପର୍କିତ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି । ଶ୍ରୀ ବୈଷ୍ଣବ କହିଛନ୍ତି, ଧାନ, କପା, ବାଜରା, ମିଲେଟ୍, ଡାଲି ଏବଂ ସୋରିସର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଫଳରେ କୃଷକମାନେ ଅଧିକ ଲାଭବାନ ହୋଇପାରିବେ । ସେ କହିଛନ୍ତି, ସରକାର

ସାରା ଦେଶରେ ୨ଲକ୍ଷ ଗୋଦାମ ନିର୍ମାଣ ପାଇଁ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି ।

ଶ୍ରୀ ବୈଷ୍ଣବ କହିଛନ୍ତି, ମହାରାଷ୍ଟ୍ରରେ ସବୁ ପାଗ ନିମନ୍ତେ ଅନୁକୂଳ ଏକ ବନ୍ଦର ବିକାଶ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ୭୬ ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ ବ୍ୟୟ କରାଯିବ । ବିଶ୍ୱର ୧୦ଟି ଶ୍ରେଷ୍ଠ ବନ୍ଦର ମଧ୍ୟରୁ ଏହା ଅନ୍ୟତମ ହେବ । ଦୁଇଟି ପର୍ଯ୍ୟାୟରେ ଏହି ବନ୍ଦରର ବିକାଶ କରାଯିବ ।  ଏଥିରେ ବାର୍ଷିକ ମାଲ ବୋଝେଇ କ୍ଷମତା ୨କୋଟି ୩୦ଲକ୍ଷ ଟନ୍‌ରୁ ଅଧିକ ହେବ । ସେ କହିଛନ୍ତି, ଆଗାମୀ ସମୟରେ ଏହି ବନ୍ଦରର ବିକାଶ ହେବା ପରେ ପ୍ରତିବର୍ଷ ପ୍ରାୟ ୧୨ ଲକ୍ଷ ଲୋକଙ୍କୁ ରୋଜଗାର ମିଳିପାରିବ । ଶ୍ରୀ ବୈଷ୍ଣବ କହିଛନ୍ତି, ସରକାର ଦେଶରେ ନବୀକରଣ ଯୋଗ୍ୟ ଶକ୍ତି କ୍ଷମତା ବୃଦ୍ଧି ଲାଗି କାର୍ଯ୍ୟ କରୁଛନ୍ତି । ତେଣୁ ସମୁଦ୍ର ଉପକୂଳ ଅଞ୍ଚଳରେ ବାୟୁ ଟର୍ମିନାଲ୍ ସ୍ଥାପନ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଗୁଜରାଟ ଏବଂ ତାମିଲନାଡୁରେ ୫୦୦ ମେଗାୱାଟ୍ ବିଶିଷ୍ଟ ଦୁଇଟି ଯୋଜନା ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ଅନ୍ୟ ପକ୍ଷରେ ବାରାଣାସୀର ଲାଲବାହାଦୂର ଶାସ୍ତ୍ରୀ ଆନ୍ତର୍ଜାତିକ ବିମାନ ବନ୍ଦରର ବିକାଶ କାର୍ଯ୍ୟକୁ ମଞ୍ଜୁରୀ ଦିଆଯାଇଛି । ଏଥିଲାଗି

୨ହଜାର ୮ଶହ ଅଣସ୍ତରୀ କୋଟି ଟଙ୍କା ଖର୍ଚ୍ଚ ହେବ । ସେ କହିଛନ୍ତି, ଏହି ବିମାନ ବନ୍ଦର ପରିବେଶ ଅନୁକୂଳ ହେବ ।

ଅନ୍ୟ ଏକ ନିଷ୍ପତ୍ତି ଅନୁଯାୟୀ ରାଷ୍ଟ୍ରୀୟ ଫରେନ୍‌ସିକ୍ ବ୍ୟବସ୍ଥାର ମୂଳ ଢାଞ୍ଚାରେ ଉନ୍ନତି ଆଣିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ଦେଶର ବିଭିନ୍ନ ସ୍ଥାନରେ  ଜାତୀୟ ଫରେନ୍‌ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଏବଂ କେନ୍ଦ୍ରୀୟ ଫରେନ୍‌ସିକ୍ ବିଜ୍ଞାନ ପରୀକ୍ଷାଗାରର ଅଫ୍ କ୍ୟାମ୍ପସ୍ ପ୍ରତିଷ୍ଠା କରାଯିବ ।

# ପିଏମ୍ – କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେନ୍ଦ୍ରୀୟ ମନ୍ତ୍ରିମଣ୍ଡଳର ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କୃଷକମାନଙ୍କ କଲ୍ୟାଣ ନିମନ୍ତେ ସରକାର ନିରନ୍ତର ପଦକ୍ଷେପ ଗ୍ରହଣ କରୁଥିବା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, କେନ୍ଦ୍ର ସରକାର ସାରା ଦେଶରେ କୃଷକମାନଙ୍କ ଉନ୍ନତି ପାଇଁ  ଯୋଜନା ପ୍ରସ୍ତୁତ କରୁଛନ୍ତି । ସେ କହିଛନ୍ତି, ବାରାଣାସୀ ବିମାନ ବନ୍ଦର ବିକଶିତ ହେବା ଫଳରେ ଲୋକମାନଙ୍କ ଜୀବନ ସହଜ ହେବ ଏବଂ କାଶି ଦର୍ଶନ ପାଇଁ ଆସିଥିବା ତୀର୍ଥ ଯାତ୍ରୀମାନେ ସହଜରେ ଯାତାୟତ କରିପାରିବେ । ପ୍ରଧାନମନ୍ତ୍ରୀ କହିଛନ୍ତି, ଗୁଜରାଟ ଏବଂ ତାମିଲନାଡୁ ଉପକୂଳରେ ବାୟୁ ପରିଯୋଜନାକୁ

ମଞ୍ଜୁରୀ ମିଳିବା ପରେ ଦେଶରେ ନବୀକରଣ ଯୋଗ୍ୟ ଶକ୍ତି କ୍ଷମତା ବୃଦ୍ଧି ହେବା ସହ ଅଙ୍ଗାରକାମ୍ଳ ଗ୍ୟାସ୍ ସୃଷ୍ଟି ହ୍ରାସ ପାଇବ । ଏହାଦ୍ୱାରା ରୋଜଗାର ସୃଷ୍ଟି ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହା ବ୍ୟତୀତ ମହାରାଷ୍ଟ୍ର ଏକ ବନ୍ଦର ବିକାଶ ଦିଗରେ ଯେଉଁ ନିଷ୍ପତ୍ତି ନିଆଯାଇଛି ତାହା ଫଳରେ ଆର୍ଥିକ ଗତିବିଧିକୁ ତ୍ୱରାନ୍ୱିତ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ।

## ଶାହା-କ୍ୟାବିନେଟ୍

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି ଗୁଡ଼ିକୁ ପ୍ରଶଂସା କରିଛନ୍ତି । ଶ୍ରୀ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏନ୍.ଡି.ଏ. ସରକାର କୃଷକମାନଙ୍କ କଲ୍ୟାଣ ଏବଂ ସମୃଦ୍ଧି ନିମନ୍ତେ ପ୍ରତିବଦ୍ଧ । ମହାରାଷ୍ଟ୍ରରେ ବନ୍ଦର ଯୋଜନାକୁ ପ୍ରଶଂସା କରି ଶ୍ରୀ ଶାହା କହିଛନ୍ତି, ଏହା ମାଧ୍ୟମରେ ଦେଶ ସାମୁଦ୍ରିକ କ୍ଷମତାର ସୁଫଳ ପାଇପାରିବ । ଏହାଛଡ଼ା ସାରା ଦେଶରେ ଅତ୍ୟାଧୁନିକ ଫରେନ୍‌ସିକ୍ ପରୀକ୍ଷାଗାର ପ୍ରତିଷ୍ଠା ହେବା ଦ୍ୱାରା ଅପରାଧିକ ନ୍ୟାୟପ୍ରଣାଳୀ ସୁଦୃଢ଼ ହେବ ବୋଲି ସେ କହିଛନ୍ତି ।

# ସିକିଲ୍‌ସେଲ୍

ଉନ୍ନତ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଦ୍ୱାରା ସିକିଲ୍‌ସେଲ୍ ବା ରକ୍ତଶିକୁଳି ରୋଗକୁ ପ୍ରତିହତ କରାଯାଇ ପାରିବ । ଗତକାଲି ବିଶ୍ୱ ସିକିଲ୍ ସେଲ୍ ନିରାକରଣ ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସରକାର ଏଥିପାଇଁ ଏକ ମିଶନ କାର୍ଯ୍ୟକାରୀ କରିଛନ୍ତି । ଏ ଦିଗରେ ଜନସଚେତନତା ବୃଦ୍ଧି ସହ ନମୁନା ପରୀକ୍ଷଣ ତଥା ଚିକିତ୍ସା ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ କହିଛନ୍ତି । ଚଳିତ ବର୍ଷର ବାର୍ତ୍ତା ରହିଛି – "ଉପଯୁକ୍ତ ପଦ୍ଧତିରେ ସମଗ୍ର ବିଶ୍ୱରେ ସିକିଲ୍‌ସେଲ୍‌ର ଉନ୍ନତ ଚିକିତ୍ସାସେବାକୁ ଆଗେଇ ନେବା ।" **PROMO**

# ୟୁଜିସି ନେଟ୍ ପରୀକ୍ଷା

ଚଳିତ ମାସରେ ଅନୁଷ୍ଠିତ ୟୁ.ଜି.ସି. ନେଟ୍ ପରୀକ୍ଷା ରଦ୍ଦ ହୋଇଛି । ସରକାର ଏହି ପରୀକ୍ଷାକୁ ରଦ୍ଦ କରିଛନ୍ତି । ନୂଆ ପ୍ରକାରରେ ପୁଣିଥରେ ୟୁ.ଜି.ସି. ନେଟ୍ ପରୀକ୍ଷା ହେବ ବୋଲି କୁହାଯାଇଛି । ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ପକ୍ଷରୁ ପରୀକ୍ଷାରେ ଅନିୟମିତତା ହୋଇଥିବା ସୂଚନା ମିଳିବା ପରେ ଏହି ନିଷ୍ପତ୍ତି ନିଆଯାଇଛି । ମାମଲାରେ ସିବିଆଇ ଯାଞ୍ଚ୍ ଲାଗି ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି । ଚଳିତ ମାସ ୧୮ ତାରିଖରେ ଦେଶର ବିଭିନ୍ନ ସହରରେ ଜାତୀୟ ପରୀକ୍ଷଣ ସଂସ୍ଥା

ଏନ୍.ଟି.ଏ ଦ୍ୱାରା ଦୁଇଟି ସିଫ୍ଟରେ ଏହି ପରୀକ୍ଷା କରାଯାଇଥିଲା । ଗତକାଲି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ୟୁ.ଜି.ସି. ଗୃହ ମନ୍ତ୍ରଣାଳୟ ଅଧୀନସ୍ଥ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ଠାରୁ ପାଇଥିବା ସୂଚନା ଉପରେ ସମୀକ୍ଷା କରିବା ପରେ ଏହି ନିଷ୍ପତ୍ତି ଗ୍ରହଣ କରିଛି ।

## ଜୟଶଙ୍କର

ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଆଜି ଶ୍ରୀଲଙ୍କା ଗସ୍ତରେ ଯାଇ କଲମ୍ବୋରେ ପହଞ୍ଚିବେ । ଏହି ଗସ୍ତ କାଳରେ ଡକ୍ଟର ଜୟଶଙ୍କର ଦ୍ୱିପକ୍ଷିୟ ଭାଗିଦାରୀ ନେଇ ଶ୍ରୀଲଙ୍କାର  ନେତାମାନଙ୍କ ସହ ଆଲୋଚନା କରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗଠିତ ନୂଆ ସରକାର ଗଠନ ପରେ ଏହା ବୈଦେଶିକ ମନ୍ତ୍ରୀଙ୍କ ପ୍ରଥମ ବିଦେଶ ଗସ୍ତ ହେବ । ଭାରତର ପ୍ରଥମେ ପଡ଼ୋଶୀ ନୀତି ଆଧାରରେ ଶ୍ରୀଲଙ୍କା ସହ ଭାରତର ସମ୍ପର୍କକୁ ଏହି ଗସ୍ତ ସୂଚାଉଛି ।

## ପିଏମ୍-ଯୋଗ ଡେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆନ୍ତର୍ଜାତିକ ଯୋଗ ଦିବସର ଦଶମ ସଂସ୍କରଣ ପାଳନର ଅବ୍ୟବହିତ ପୂର୍ବରୁ ସାମାଜିକ

ଗଣମାଧ୍ୟମରେ ଶଶାଙ୍କ ଆସନର ଭିଡ଼ିଓ ଚିତ୍ର ପୋଷ୍ଟ କରିଛନ୍ତି । ସ୍ୱାସ୍ଥ୍ୟ ଉପରେ ଏହି ଆସନର ଥିବା ସକାରାତ୍ମକ ପ୍ରଭାବ ଉପରେ ଭିଡ଼ିଓ ଚିତ୍ରରେ ଦର୍ଶାଯାଇଛି । ମାନସିକ ଏବଂ ଶାରୀରିକ ସୁସ୍ଥତା ବଜାୟ ରଖିବାରେ ଏହି ଆସନର ବିଶେଷ ଉପକାରିତା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଉଚ୍ଚ ରକ୍ତଚାପ ଏବଂ ଆର୍ଥ୍ରାଇଟ୍ସ ରୋଗର ନିରାକରଣ ଦିଗରେ ଏହି ଆସନ ବିଶେଷ ଫଳପ୍ରଦ ହୋଇଥାଏ ବୋଲି ଭିଡ଼ିଓ ଚିତ୍ରରେ ଦର୍ଶାଯାଇଛି ।

କର୍ଣ୍ଣାଟକ ଆୟୁଷ ବିଭାଗ ଆନ୍ତର୍ଜାତିକ ଯୋଗ ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଏକ ୧୦ଦିନିଆ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଏଥିରେ ସ୍କାଉଟ୍ସ ଗାଇଡ୍ସ, ଅଙ୍ଗନବାଡ଼ି କର୍ମୀ ଏବଂ ବେଙ୍ଗାଲୁରୁ ଆପାର୍ଟମେଣ୍ଟ ମାଲିକ ସଂଘର କର୍ମକର୍ତ୍ତା ସାମିଲ ହୋଇଛନ୍ତି । ଏ ସଂପର୍କରେ ସୂଚନା ଦେଇ ବିଭାଗୀୟ କମିଶନର ଶ୍ରୀ ଶ୍ରୀନିବାସ ଆକାଶବାଣୀକୁ କହିଛନ୍ତି ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତାକାଲି ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଅବସରରେ ଶେଷ ହେବ ।

## କ୍ରିକେଟ୍

ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍‌ର ଗତକାଲିର ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୧୮ରନ୍‌ରେ ଆମେରିକାକୁ ପରାସ୍ତ କରିଛି । ଆଣ୍ଟିଗୁଆ ସ୍ଥିତ ସାର୍

ଭିଭିଆନ୍ ରିଚାର୍ଡ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୪ ଓ୍ୱିକେଟ୍ ବିନିମୟରେ ୧୯୪ରନ୍ କରିଥିଲା । ଏହାର ଜବାବରେ ଆମେରିକା ୨୦ ଓଭରରେ ୬ ଓ୍ୱିକେଟ୍ ହରାଇ ୧୭୬ରନ୍ ସ୍କୋର କରିବାକୁ ସକ୍ଷମ ହୋଇଥିଲା ।

ଆଜି ଗ୍ରୁପ୍-୧ ର ସୁପର ଏଇଟ୍ ପର୍ଯ୍ୟାୟରେ ଭାରତ-ଆଫ୍‌ଗାନିସ୍ତାନ ମଧ୍ୟରେ ମୁକାବିଲା ହେବ । ବ୍ରିଜ୍‌ଟାଉନ୍‌ର କେନ୍‌ସିଂଟନ୍ ଓଭାଲ୍ ଠାରେ ଭାରତୀୟ ସମୟ ରାତି ୮ଟାରେ ଏହି ମ୍ୟାଚ୍ ଖେଳାଯିବ । ଆଜି ସକାଳ ୬ଟାରୁ ଡାରେନ୍ ସାମି ନ୍ୟାସନାଲ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ଇଂଲଣ୍ଡ ଏବଂ ଓ୍ୱେଷ୍ଟଇଣ୍ଡିଜ୍ ମଧ୍ୟରେ ମ୍ୟାଚ୍ ଚାଲିଛି । ଏହି ସୁପର ଏଇଟ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ଜିତି ବୋଲିଂ କରୁଛି । ବର୍ତ୍ତମାନ ସୁଦ୍ଧା ଓ୍ୱେଷ୍ଟଇଣ୍ଡିଜ୍ ୧୫ ଓଭରରେ ୨ଟି ଓ୍ୱିକେଟ୍ ହରାଇ ୧୩୭ ରନ୍ ସଂଗ୍ରହ କରିଛି ।

## ଇଣ୍ଡିଆନ୍ ପୋଷ୍ଟ

ଦେଶର ଦୂରଦୂରାନ୍ତ ଅଞ୍ଚଳରେ ଆର୍ଥିକ ସେବା ଯୋଗାଇଦେବା ନିମନ୍ତେ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ୍, ରିଆ ମନି ଟ୍ରାନ୍ସଫର୍ ସହ ବୁଝାମଣା କରିଛି । ଦେଶ ତଥା ଦେଶ ବାହାରେ ରିଆ ମନି ଟ୍ରାନ୍ସଫର୍ କାର୍ଯ୍ୟ କରୁଥିବା ବେଳେ ଦେଶ ଭିତରେ ଗ୍ରାହକମାନେ ଆବଶ୍ୟକ

ସମୟରେ ନିଜ ଘର ପାଖରେ ବ୍ୟାଙ୍କ୍ ସେବା ପାଇପାରିବେ ଏବଂ ଆବଶ୍ୟକ ଅର୍ଥ ଉଠାଣ କରିପାରିବେ । ଯୋଗାଯୋଗ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ଦେଶ ଭିତରେ ୨୫ ହଜାରରୁ ଅଧିକ ଡାକଘରେ ଏହି ସୁବିଧା ମିଳିପାରିବ । ଏହାଦ୍ୱାରା ୧ଲକ୍ଷରୁ ଅଧିକ ସ୍ଥାନରେ ଲୋକମାନଙ୍କୁ ଆର୍ଥିକ ସେବା ଯୋଗାଇ ଦିଆଯାଇପାରିବ ବୋଲି ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ।